## ସଂକ୍ଷେପରେ

### କରୋନାରେ ଗଲା ୯ ଜୀବନ

ଅନୁଗୋଳ ଅଫିସ, ୩୦।୮- ଅନୁଗୋଳ ଜିଲାରୁ ସୋମବାର ୧୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୫ଜଣ, ତାଳଚେର ବ୍ଲକ ଅଞ୍ଚଳରୁ ୪, ବଣ୍ଟାରପାଳ ବ୍ଲକ ଅଞ୍ଚଳରୁ ୩, ଅନୁଗୋଳ ପୌରାଞ୍ଚଳରୁ ୨, ଅନୁଗୋଳ ବ୍ଲକ ଅଞ୍ଚଳରୁ ୨, କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ଓ ପାଲଲହଡା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨୨ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଜିଲାରେ ଦିନକରେ ୯ ଜଣଙ୍କ ଜୀବନ କରୋନାରେ ଯାଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୩୬୩ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୨୩ ଆକ୍ରାନ୍ତ, ୨ ମୃତ

ଢେଙ୍କାନାଳ ଅଫିସ,୩୦।୮- ଢେଙ୍କାନାଳ ଜିଲାରୁ ସୋମବାର ୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୪, ଭୁବନ ବ୍ଲକରୁ ୪, ହିନ୍ଦୋଳ ବ୍ଲକରୁ ୭, ଓଡାପଡାରୁ ୧, ସଦର ବ୍ଲକରୁ ୧, କାମାକ୍ଷାନଗରରୁ ୧, କଙ୍କଡାହାଡରୁ ୧, କାମାକ୍ଷାନଗର ଏନ୍ଏସିରୁ ୧, ଭୁବନ ଏନ୍ଏସିରୁ ୧ ଓ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୦ ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି। ଫଳରେ ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୨୩୪ରେ ପହଞ୍ଚିଛି। ଦିନକରେ ଜିଲାରେ ୯୦୩ ଟେଷ୍ଟିଂ ହୋଇଥିବାବେଳେ ମୋଟ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୨୪ ହଜାର ୭୩୪ରେ ପହଞ୍ଚିଛି। ବର୍ତ୍ତମାନ ଜିଲାରେ ୧୪୬ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

### ବନ୍ଧୁକ ଜବତ, ଶିକାରୀ ଗିରଫ

ଢେଙ୍କାନାଳ ଅଫିସ,୩୦।୮- ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ କମ୍ପାର୍ଟମେଣ୍ଟ-୨୧ ନିକଟରେ ସୋମବାର ବନ ବିଭାଗ ଚଢାଉ କରି ଜଣେ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଁଦିଆ ଥାନା କୋହ୍ଲା ଗ୍ରାମର ବୁଦୁରାମ ମୁର୍ମୁ(୪୫)। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଏବଂ ଗୋଟିଏ ହେଡଲାଇଟ୍ ଜବତ କରାଯାଇଛି। ସେ ଶିକାର କରିବାକୁ ଗଲାବେଳେ କୌଣସି ସୂତ୍ରରୁ ଖବରପାଇ କପିଳାସ ରେଞ୍ଜର ଗୌତମ ପ୍ରଧାନଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିବା ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

### ସବ୍ୟସାଚୀଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ ଅଫିସ,୩୦।୮- କରୋନାରେ ପ୍ରାଣ ହରାଇଥିବା ଜଣାଶୁଣା ବ୍ୟବସାୟୀ ତଥା ସାମାଜିକ କର୍ମୀ ସବ୍ୟସାଚୀ କାନୁନଗୋ (୭୨)ଙ୍କୁ ଢେଙ୍କାନାଳ ସହରସ୍ଥିତ ଅଭିନନ୍ଦନ ଗାର୍ଡେନଠାରେ ରବିବାର ସନ୍ଧ୍ୟାରେ ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍ଏସ୍ଏସ୍)ର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଥିଲେ। ବ୍ୟବସାୟ ସହିତ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଏସ୍ଏସ୍ର ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ର, ଜିଲା ଏବଂ ଜିଲା ବାହାରୁ ବହୁ କାର୍ଯ୍ୟକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଓ ବ୍ୟବସାୟୀମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

# ଆଶା କମ୍, ନିରାଶା ଅଧିକ

**ଅନୁଗୋଳ ଅଫିସ, ୩୦।୮**

- ଆରମ୍ଭ ହେଲାଣି ପୂଜା ଋତୁ
- ଅନୁଷ୍ଠାନ କର୍ମକର୍ତ୍ତାଙ୍କ ମନରେ ନାହିଁ ଉତ୍ସାହ
- ସେପ୍ଟେମ୍ବର ଗାଇଡ୍ଲାଇନକୁ ଅପେକ୍ଷା

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଲଗାତର ଭାବେ ହଜାରେ ତଳେ ରହୁଛି। ଟିକାକରଣ ଟାର୍ଗେଟ୍ ମଧ୍ୟ ବଢ଼ାଯାଇଛି। ଧୀରେ ଧୀରେ ଜୀବନ ଜୀବିକା ପୂର୍ବ ଗତିପଥକୁ ଫେରୁଥିବାବେଳେ ଉତ୍ସାହ ଭରିବାକୁ ପୂଜା ଋତୁ ଆସିଯାଇଛି। ହେଲେ ରାଜ୍ୟ ସରକାରଙ୍କ ସେପ୍ଟେମ୍ବର ଗାଇଡ୍ଲାଇନ୍ ଉପରେ ସଭିଙ୍କ ନଜର ରହିଛି। ପୂର୍ବରୁ ରାଜ୍ୟ ସରକାର ପାର୍ବଣ କଟକଣା ଜାରି କରିସାରିଥିଲେ ମଧ୍ୟ କୋଭିଡ୍ ପରିସ୍ଥିତିରେ ଉନ୍ନତି ଆସିଥିବାରୁ ଏ ନେଇ ଅନେକଙ୍କ ମନରେ ସାମାନ୍ୟ ଆଶା ସୃଷ୍ଟି ହୋଇଛି। କିନ୍ତୁ ତୃତୀୟ ଲହର ନେଇ ବିଶେଷଜ୍ଞମାନେ ଆଗୁଆ ସତର୍କ କରାଇ ଦେଇଥିବାରୁ ରାଜ୍ୟ ସରକାର କଟକଣାକୁ ପୂର୍ବବର୍ଷ ପରି କଡ଼ାକଡ଼ି କରିବେ ବୋଲି ପୂଜା ଅନୁଷ୍ଠାନଗୁଡ଼ିକ ଆଶଙ୍କା କରୁଛନ୍ତି। ସେଥିପାଇଁ ଅନୁଗୋଳ ସହରରେ ଥିବା ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି।

ଅନୁଗୋଳ ସହରରେ ୩୦ରୁ ୩୫ ସ୍ଥାନରେ ବିଘ୍ନନାଶନଙ୍କ ପୂଜା କରାଯାଇଥାଏ। ଏହାଛଡ଼ା ବିଭିନ୍ନ କ୍ଲବରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହାପରେ ବିଶ୍ୱକର୍ମା, ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ଯାଏ ପାର୍ବଣର ଉତ୍ସବ ଲାଗି ରୁହେ। ସପ୍ତାହ ସପ୍ତାହ ଧରି ବିଭିନ୍ନ ମେଳା ମହୋତ୍ସବ ସହ ଧୁମ୍ଧାମରେ ଭସାଣି ସହରବାସୀଙ୍କ ବର୍ଷକର ଥକାପଣ ମେଣ୍ଟାଇ ଦିଏ। ୨୦୧୯ ମସିହାରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଭଳି ସେଣ୍ଟ୍ରାଲ ପୂଜା କମିଟି କରାଯାଇ ଗଜାନନଙ୍କ ଭସାଣି ଉତ୍ସବ କରାଯାଇଥିଲା। ଏଥିରେ ୧୨ଟି ମେଢ଼ ଯୋଗଦେଇଥିଲେ। କିନ୍ତୁ ୨୦୨୦ରୁ ମହାମାରୀ କରୋନା ପାଇଁ ସମସ୍ତ ପୂଜା ପାର୍ବଣ କେବଳ ପରମ୍ପରାରେ ସୀମିତ ରହିଯାଇଛି। ଉତ୍ସବ ପାଳନକୁ ଆଦୌ ଅନୁମତି ଦିଆଯାଉ ନାହିଁ। ମିନା ବଜାର, ଭଳି କି ଭଳି ଦୋଳି ଓ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ତ ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଛି। ବର୍ଷକ ପରେ ମଣ୍ଡପରେ ବିରାଜମାନ ଦେବଦେବୀଙ୍କୁ ଦର୍ଶନ କରିବା ଉପରେ କଡ଼ା କଟକଣା ଲଗାଯାଇଛି। ଏପରି କି ୪ ଫୁଟ ମଧ୍ୟରେ ମୂର୍ତ୍ତିର ଉଚ୍ଚତା ରଖାଯାଇଥିବା ବେଳେ ସାଜସଜ୍ଜାକୁ ବାରଣ କରାଯାଇଛି। ପୂଜକ, କର୍ତ୍ତା ଓ ଆୟୋଜକଙ୍କୁ ନେଇ ମାତ୍ର ୭ ଜଣ ମଣ୍ଡପରେ ରହିପାରିବେ ବୋଲି ନିର୍ଦ୍ଦେଶ ରହିଛି। ଚଳିତବର୍ଷ ମଧ୍ୟ ଏହି କଟକଣା ମଧ୍ୟରେ ପୂଜା କରିବାକୁ ଅନୁଷ୍ଠାନଗୁଡ଼ିକୁ କୁହାଯାଇଛି। କିନ୍ତୁ ସରକାରଙ୍କ ପୂର୍ବ କଟକଣାରେ କିଛିଟା କୋହଳ ଚାହୁଁଛନ୍ତି ଲୋକେ। କୋଭିଡ ଏବେ ନିୟନ୍ତ୍ରଣରେ ଥିବାରୁ ସୀମିତ ସମୟ ପାଇଁ ଉତ୍ସବକୁ ସବୁଜ ସଂକେତ ଦିଆଯାଉ। ଜୀବନ ଜୀବିକାକୁ ଧ୍ୟାନରେ ରଖି ସରକାର ସେପ୍ଟେମ୍ବର ଗାଇଡଲାଇନ ଆଣନ୍ତୁ। ପାର୍ବଣକୁ ଆଉ ପାଣିଚିଆ କରା ନ ଯାଉ।

### କିଛିଟା କୋହଳ ଦିଆଯାଉ



“ପ୍ରତିବର୍ଷ ପାର୍ବଣ ସମୟକୁ ସମସ୍ତେ ଚାହିଁ ବସିଥାନ୍ତି। ସାଧାରଣ ଲୋକଙ୍କଠାରୁ ପୂଜା କମିଟି କର୍ମକର୍ତ୍ତାଙ୍କ ଯାଏ ସଭିଏଁ ଖୁସି ମନାଇଥାନ୍ତି। ବ୍ୟବସାୟୀମାନେ ବର୍ଷକ ଆୟର ଏକ ବଡ଼ଭାଗ ଏହି ସମୟରେ ହିଁ ପାଇଥାନ୍ତି। କିନ୍ତୁ କରୋନା ସବୁକିଛି ଫିକା ପକାଇ ଦେଇଛି। ଗାଇଡଲାଇନ୍ରେ କିଛିଟା କୋହଳ ଦିଆଯିବା ଉଚିତ।

**-କାଞ୍ଚନ ସିଂହ, କୋଷାଧ୍ୟକ୍ଷ, ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ, ହେମସୁରପଡ଼ା**

### ଜନଗହଳି ରୋକିବାକୁ କଟକଣା



“କୋଭିଡ୍ ଯୋଗୁ ପାର୍ବଣର ଉତ୍ସାହ କେଉଁଠି ନାହିଁ। ତୃତୀୟ ଲହର ଆଗକୁ ଆସିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଥିବାରୁ ପୂଜାକୁ ନେଇ ସରକାର ଆଗୁଆ ନିର୍ଦ୍ଦେଶ ଜାରି କରିଛନ୍ତି। ଜନଗହଳି ରୋକାଗଲେ ଆଗାମୀ ଦିନରେ ସଂକ୍ରମଣ ସଂଖ୍ୟା ଅଧିକ ବଢ଼ିବ ନାହିଁ ଭାବି ସରକାର ଏପରି କଟକଣା କରିଛନ୍ତି।

**-ଭବାନୀ ପ୍ରଧାନ, ଉପଦେଷ୍ଟା, ନେତାଜୀ କ୍ଲବ, ହୁଲୁରିସିଂହା**

### ଆଗ୍ରହର ସହ ଅପେକ୍ଷା କରିଛୁ



“ପାର୍ବଣର ବହୁ ପୂର୍ବରୁ ସରକାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ଏହାକୁ ମଧ୍ୟ ପୂଜା କମିଟିଗୁଡ଼ିକ ମାନି ନେଇଛନ୍ତି। ହେଲେ କୋଭିଡ୍ ସଂକ୍ରମଣ ଏବେ ତଳମୁହାଁ ହୋଇଥିବାରୁ ବର୍ଷକଯାକ କଟକଣାରେ ଥିବା ଲୋକଙ୍କୁ ଉତ୍ସବ ପାଇଁ କିଛିଟା କୋହଳ ଦିଆଯାଉ। ସରକାରଙ୍କ ନୂଆ ଗାଇଡ୍ଲାଇନ୍କୁ ଆଗ୍ରହର ସହ ଅପେକ୍ଷା।

**-ଶିବାନୀ ଗୌଡ଼, ସମ୍ପାଦକ, ମହାବିନାୟକ ୟୁଥ୍ କ୍ଲବ, ଅମଲାପଡ଼ା**

### ବିଧି ରକ୍ଷା ପାଇଁ ପୂଜା ହେବ



“କଟକଣା ଯୋଗୁ ଚଳିତବର୍ଷ ପୂଜାରେ ଅଧିକ ଖର୍ଚ୍ଚ ହେବ ନାହିଁ। ବଳକା ଅର୍ଥ ସାମାଜିକ କାର୍ଯ୍ୟରେ ଲଗାଯିବ। ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହ ସେବା କେନ୍ଦ୍ରରେ ଅର୍ଥ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଯିବା ଲକ୍ଷ୍ୟ ରଖାଯାଇଛି। ମଣ୍ଡପରେ ବାଜା ଓ ସାଉଣ୍ଡବକ୍ସକୁ ଅନୁମତି ଦେଲେ ପୂଜା ପୂର୍ବାପେକ୍ଷା ଭଲ ଲାଗନ୍ତା।

**-ଆହ୍ୱାନ ରାଉତରାୟ, ସଭାପତି, ଗଣପତ୍ କ୍ଲବ, ଅମଲାପଡ଼ା**

# କୁଞ୍ଜକାନ୍ତ ମନ୍ଦିରରେ ଭିଡ଼



ଜନ୍ମାଷ୍ଟମୀରେ କୁଞ୍ଜକାନ୍ତ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧାକୃଷ୍ଣ।

**ଢେଙ୍କାନାଳ ଅଫିସ,୩୦।୮**

ଜନ୍ମାଷ୍ଟମୀ ଉପଲକ୍ଷେ ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତ ମନ୍ଦିରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶ୍ରଦ୍ଧାଳୁମାନେ ଧାଡିରେ ଛିଡାହୋଇ ରାଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମନ୍ଦିରକୁ ଆଲୋକମାଳାରେ ସାଜସଜ୍ଜା କରାଯାଇଥିଲା। ମନ୍ଦିର ପରିସରରେ କୋଭିଡ କଟକଣାକୁ ମଧ୍ୟ ପାଳନ କରାଯାଇଥିଲା। ସେହିପରି ସହରର ଦୋଳମଣ୍ଡପ ସାହି, ବାଜିଚୌକ ଆଦି ଅଞ୍ଚଳରେ ଥିବା ପୀଠ ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ବର୍ଷାପାଗ ସତ୍ତ୍ୱେ ମନ୍ଦିର ଗୁଡିକ ଶ୍ରଦ୍ଧାଳୁଙ୍କ ସମାଗମରେ ଚଳଚଞ୍ଚଳ ହୋଇ ଉଠିଥିଲା।

# ତାଲା ଭାଙ୍ଗି ଟଙ୍କା, ସୁନା ଚୋରି

**ଢେଙ୍କାନାଳ ଅଫିସ,୩୦।୮**

ଢେଙ୍କାନାଳ ସହରସ୍ଥିତ ମହିଷାପାଟ ବାପୁଜୀ ନଗର ଅଞ୍ଚଳରେ ରହୁଥିବା ଶୁଭଲକ୍ଷ୍ମୀ ବେହେରାଙ୍କ ଘରୁ ଦୁର୍ବୃତ୍ତମାନେ ତାଲାଭାଙ୍ଗି ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରି କରିଛନ୍ତି। ଏ ନେଇ ଶୁଭଲକ୍ଷ୍ମୀ ସୋମବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଶୁଭଲକ୍ଷ୍ମୀଙ୍କ ପରିବାର ଦୀର୍ଘ ଏକ ସପ୍ତାହ ହେବ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର, ୪୫ ହଜାର ଟଙ୍କା, ଗୋଟିଏ ଏଲ୍ଇଡି ଟିଭି, ଶାଢି ଓ ଆସବାବପତ୍ର ଆଦି ଚୋରାଇ ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସୋମବାର ପରିବାର ଲୋକ ଘରେ ପହଞ୍ଚିବା ପରେ ଏହି ଘଟଣା ଜଣାପଡିଥିଲା। ଏ ନେଇ ନଂ. ୩୪୫/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କ୍ରୀଡ଼ା ମାଧ୍ୟମରେ ସୁସ୍ଥ ସମାଜ ଗଠନ ସମ୍ଭବ





ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ମ୍ୟାଚ ପୂର୍ବରୁ ଖେଳାଳିମାନେ।

**ବନ୍ତଲା,୩୦।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମରେ ରବିବାର ନେହେରୁ ଯୁବକେନ୍ଦ୍ର ଓ ମା’ ହିଙ୍ଗୁଳା ଫୁଟ୍ବଲ ପ୍ଲେୟାର୍ସ ୱେଲ୍ ଫେୟାର ଆସୋସିଏଶନର ମିଳିତ ଆନୁକୂଲ୍ୟରେ କ୍ଲବ ପଡ଼ିଆଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମିତିସଭ୍ୟ ବିଜୟ ସାହୁ, ଅନିଲ କୁମାର ମହାନ୍ତି ଯୋଗଦେଇ ଖେଳ ମାଧ୍ୟମରେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କ୍ଲବ ପରିସରରେ ଏକ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ମା’ ହିଙ୍ଗୁଳା ଫୁଟବଲ ଆସୋସିଏଶନ ସଭାପତି ବେଣୁଧର ଦାସ, ଉପସଭାପତି ରଞ୍ଜନ ବେହେରା ଓ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବଣ୍ଟାରପାଳ ବ୍ଲକର ସଂଯୋଜକ ସୁଶାନ୍ତ କୁମାର ଦାସ, ସୁଜାତା ସେଠୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନେହେରୁ ଯୁବ ସଙ୍ଗଠନର ଯୁବ ସଂଯୋଜକ ପ୍ରଦୀପ କୁମାର ଧନ୍ୟବାଦ ଦେଇଥିଲେ।

# ଚୋରି ଅଭିଯୁକ୍ତ ଗିରଫ

**ବଇଣ୍ଡା,୩୦।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବାଦିବାହଳ ଗ୍ରାମର ପବିତ୍ର ଟାଙ୍ଗିଙ୍କ କୂଅରୁ ଜୁଲାଇ ୮ରେ ପାଣି ପମ୍ପ ଚୋରି ହୋଇଥିଲା। ଏହି ଘଟଣାରେ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ପବିତ୍ର ଦେହୁରୀଙ୍କୁ ବଇଣ୍ଡା ଫାଣ୍ଡି ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ପୂର୍ବରୁ ୭ ଜଣ ଗିରଫ ହୋଇଥିବାବେଳେ ପବିତ୍ର ଫେରାର ଥିଲେ। ପବିତ୍ର ଘରେ ଥିବା ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରିଥିଲେ। ଏ ନେଇ ୧୬୪/୨୧ରେ ମାମଲା ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତ ପବିତ୍ର ଦେହୁରୀ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍ସାଇଟ୍ : www.mahanadicoal.in

ବିଜ୍ଞପ୍ତି

“ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।”

R-5069

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

No.VI-28(09)/Serifed/2021-22/744 Dt.27.08.2021

CORRIGENDUM NOTICE

Corrigendum to Bid Identification No :- VI-28(09)/SERIFED/2021-22/813/Dt.13.07.2021

Online Tender for the work **“Construction, Interior and Exterior Decoration of Multistoried Mega Showroom of Boyanika”** at Bargarh could not be available in e-procurement portal due to some technical reasons. The tender will be available in e-portal from **06.09.2021** upto **5.00 PM** on **29.09.2021** and will be opened at **11.30 AM** on **30.09.2021**.

Sd/-
MANAGING DIRECTOR

# ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ଢେଙ୍କାନାଳ ଅଫିସ,୩୦।୮**

ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସୋମବାର ସ୍ଥାନୀୟ ଗାନ୍ଧୀମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ପ୍ରୀତମ ପରିଡା, ସାଧାରଣ ସମ୍ପାଦକ ଅଭିଲାଷ ଜେନା, ସମ୍ପାଦକ ସୌମ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ସହିତ କଂଗ୍ରେସ ନେତୃତ୍ୱକୁ ବଳିଷ୍ଠ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜିଲା ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନଙ୍କ ଅନୁମୋଦିତ ତାଲିକା ଘୋଷଣା କରାଯାଇଥିଲା। ଉପସଭାପତି ଭାବେ ଦୁର୍ଗାଦତ୍ତ ମିଶ୍ର, ସୋହେଲ ଆକ୍ରାମ, ସୌମ୍ୟରଞ୍ଜିତ ଇନ୍ଦ୍ରଜିତ ସିଂହ ଓ ସଂଗ୍ରାମ ସାହୁ, ସାଧାରଣ ସମ୍ପାଦକ ଭାବେ ଡୋନେଶ ମହାପାତ୍ର, ଦିତେଶ କୁମାର ଜେନା, ସୌମେନ୍ଦ୍ର ନାରାୟଣ, ବିଶ୍ୱଜିତ ସ୍ୱାଇଁ, ରାହୁଲ ସାହୁ, ଦେବେନ୍ଦ୍ର ମହାନ୍ତି ଓ ଅମିତ ନନ୍ଦ, ସମ୍ପାଦକ ଭାବେ ସୁଜିତ କୁମାର ମଲିକ, ବିଦ୍ୟୁଷ ନନ୍ଦ, ଅଭିଷେକ ପ୍ରଧାନ, ସୁଜିତ କୁମାର ନାୟକ, ସତ୍ୟଜିତ ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ଶୁଭମ ପାତ୍ର ଓ ତନ୍ମୟ କୁମାର ପ୍ରଧାନଙ୍କୁ ନିଯୁକ୍ତି କରାଯାଇଥିଲା।

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
PURI DISTRICT
Phone : 06752-222228, District Web site : www.puri.nic.in

Tender No. 2658 Date : 27.08.2021

District Manager, Odisha State Civil Supplies Corporation Ltd., Puri (District) invites re-tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs. |
| 2 | Availability of bid document in the portal | From 02.09.2021 (Date) |
| 3 | Last Date / Time for receipt of bids in the portal | Dt.09.09.2021 upto 04.00 PM |
| 4 | Date/Time of Opening of Technical bid | Dt.13.09.2021 at 11.30 AM |
| 5 | Name and address of Officer Inviting Tender | **District Manager**, OSCSC Ltd., Puri District |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
O.S.C.S.C. Ltd., Puri

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ

**ଢେଙ୍କାନାଳ ଅଫିସ,୩୦।୮**

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ଏକ ବୈଠକ ଶନିବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବୁଥ୍ରେ କମିଟି ଗଠନ କରି ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ପ୍ରଚାର ପ୍ରସାର କରିବାର ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ପ୍ରଭାରୀ ପ୍ରଭାତୀ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ଓ ନିରୋଜ ନଳିନୀ ମହାଳିକ ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଅନିତା ଦାସ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ହରିଜନମୋର୍ଚ୍ଚା ସଭାପତି ରାହୁଲରାୟ ମହାଳିକ, ସଂଖ୍ୟାଲଘୁ ସେଲ୍ ସଭାପତି ଶେଖ ସଲାଲୁଦ୍ଦିନ, ଆଇଟି ସେଲ୍ ମୁଖ୍ୟ ରମ୍ୟ ରଞ୍ଜନ ମହାପାତ୍ର, ରାଜ୍ୟ ଯୁବ ମୋର୍ଚ୍ଚା ନିମନ୍ତ୍ରିତ ଅତିଥି ସତ୍ୟ ରଞ୍ଜନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରେମାନନ୍ଦ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।





ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ।

**ଭାଜପା କର୍ମୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ**

No.C-845:-
କଟକ ମହାନଗର ନିଗମ
ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୧ ପାଳନ ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

କଟକ ସହରର ସଚେତନ ନାଗରିକମାନଙ୍କୁ ନିବେଦନ

- ଯଦି ଆପଣଙ୍କ ନିକଟରେ କିମ୍ବା ଆଖପାଖ ସ୍ଥାନରେ କୌଣସି ବ୍ୟକ୍ତି ଜ୍ୱର, କାଶ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ତେବେ ତୁରନ୍ତ କଟକ ମହାନଗର ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ.- ୭୦୭୭୭୭୫୫୫୫ରେ ଯୋଗାଯୋଗ କରନ୍ତୁ।
- ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ରୋଗ ସଂକ୍ରମିତ ହୋଇଥାଏ। ଏହି ମଶା ଦିନବେଳା କାମୁଡେ । ଜ୍ୱର ସହିତ ହାଡ଼ ଓ ଗଣ୍ଠି ବିନ୍ଧାହୁଏ ଓ କେତେକଙ୍କ ଶରୀରରେ ଲାଲ୍ ହୋଇ ଫଳିଯାଏ। ଏପରି ଲକ୍ଷଣ ଦେଖାଗଲେ ନିକଟରେ ଥିବା ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏଡିସ୍ ମଶା ବଂଶ ବୃଦ୍ଧି ହେବାର ମୁଖ୍ୟ ସ୍ଥାନ ଘର ସମ୍ମୁଖରେ ପଡିଥିବା ମାଠିଆ, କଟା ପଇଡ଼ ଏବଂ ଟାୟାର ରଖାଯାଇଥିବା ସ୍ଥାନରେ ବର୍ଷାପାଣି ଜମିରହିବା ଦ୍ୱାରା ଏହି ମଶା ବଂଶର ବୃଦ୍ଧି ହୋଇଥାଏ। ତେଣୁ ଏହି ସବୁ ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- କଟକ ମହାଗର ନିଗମ କଟକ ସହରର ସଚେତନ ନାଗରିକମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତ୍ତର କଟକ ନିର୍ମାଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଜ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡଷ୍ଟବିନ୍ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନ୍କୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ।

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ
ଆୟୁକ୍ତ

ଶ୍ରୀଯୁକ୍ତ ଅନିଲ କୁମାର ସାମଲ, ଭା.ପ୍ର.ସେ
ପ୍ରଶାସକ

OIPR-13031/11/0024/2122

## ଆଜି କ'ଣ କେଉଁଠି

ଅନୁଗୋଳ
- ସ୍ୱାୟତ୍ତଶାସନ ଦିବସ ପାଳନ। ସ୍ଥାନ- ଜିଲା କଳାକେନ୍ଦ୍ର।ସମୟ- ସନ୍ଧ୍ୟା ୭ଟା ୩୦

# ସୌନ୍ଦର୍ଯ୍ୟକରଣ ସରିଲେ ଶ୍ରେଷ୍ଠ ସ୍ଥାନ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୩୦।୮


ଅନୁଗୋଳ ପୌର କାର୍ଯ୍ୟାଳୟ।

- ମେଟ୍ରୋ ସିଟି ଭଳି ଦିଶିବ ଅନୁଗୋଳ ସହର
- ଅତ୍ୟାଧୁନିକ ଢାଞ୍ଚାରେ ହେଉଛି ନିର୍ମାଣ
- ପୌର, ପ୍ରଶାସନ ପକ୍ଷରୁ କରାଯାଉଛି ଉଦ୍ୟମ

ଆଖି ଝଲସାଇ ଦେବ ଅନୁଗୋଳ ସହର। କୌଣସି ମେଟ୍ରୋ ସିଟିଠାରୁ ସୌନ୍ଦର୍ଯ୍ୟରେ ଏହା କମ୍ ଦିଶିବନି। ପରିମଳଠାରୁ ଆଲୋକୀକରଣ, ଅତ୍ୟାଧୁନିକ ପାର୍କ ନିର୍ମାଣ, ଶୌଚାଳୟ, ହେଲ୍‌ଥ କରିଡର, ଫୁଡ୍ କୋର୍ଟ, ସେଲ୍‌ଫି ପଏଣ୍ଟର ନିର୍ମାଣ ଶେଷ ହେଲେ ଏହା ସୁନ୍ଦରତାରେ ସହରମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିବ। ଅନୁଗୋଳର ଏପରି ଢାଞ୍ଚା ବଦଳାଇବା ପାଇଁ ପୌରପାଳିକା ଓ ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। କିଛି କାର୍ଯ୍ୟ ଆଗେଇ ଯାଇଥିବା ବେଳେ ଆଉ କେତୋଟିର ନିର୍ମାଣ ବାକି ରହିଛି।

ଅନୁଗୋଳବାସୀଙ୍କ ଆମୋଦ ପ୍ରମୋଦ ପାଇଁ ତାମ୍ରିତ କଲୋନୀଠାରେ ସ୍ମାର୍ଟ ପାର୍କ ନିର୍ମାଣ କରାଯିବ। ମେଟ୍ରୋ ସିଟି ପରି ଏହି ପାର୍କରେ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିବ। ହେଲଥ୍ କରିଡର ବ୍ୟବସ୍ଥା ଲୋକଙ୍କ ଶରୀରରେ ନୂଆ ଶକ୍ତିର ସଞ୍ଚାର କରିବ। ଅଦରକାରୀ ସାମଗ୍ରୀରେ ରାସ୍ତା ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା କଳାକୃତି ସଭିଙ୍କ ମନ ମୋହିବ। ବିଜୁ ମଇଦାନ ନିକଟରେ ଫୁଡ୍ କୋର୍ଟ ସହ 'ଆଇ ଲଭ ୟୁ ଅନୁଗୋଳ' ସେଲ୍‌ଫି ପଏଣ୍ଟ କରାଯିବ। ସମସ୍ତ ଛୋଟ ବଡ଼ ପାର୍କର ସୌନ୍ଦର୍ଯ୍ୟକରଣ ହେବ। ସାଜସଜ୍ଜା ସହ ଆଲୋକୀକରଣ ରାସ୍ତାକୁ ନୂଆ ରୂପ ଦେବ। ପରିମଳକୁ ସୁବ୍ୟବସ୍ଥିତ କରାଯିବା ସହ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର କରାଯିବ। କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ସହରର ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ, ଇଲିସ୍ କାର୍ଯ୍ୟକ୍ରମ ଓ ସିସିଟିଭି ପରିଚାଳନା କରାଯିବ। କେଉଁ ଅଞ୍ଚଳରୁ ଅଳିଆ ଉଠିଲା ଓ କେଉଁଠି ସମସ୍ୟା ରହିଲା, ତାହା ତୁରନ୍ତ ଜଣାପଡ଼ିବ। ସହରୀ ଲୋକମାନେ ଏଣିକି ଅନ୍‌ଲାଇନ୍‌ରେ ଟ୍ୟାକ୍ସ ପ୍ରଦାନ ଓ ଅଭିଯୋଗ ଦାଖଲ କରିପାରିବେ। ପିଲାଙ୍କ ଖେଳକୁଦ ପାଇଁ ଏକ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବସ୍‌ଷ୍ଟାଣ୍ଡ ନିକଟରେ ଅତ୍ୟାଧୁନିକ ଶୌଚାଳୟ ହେବ। କରଡ଼ାଗାଡ଼ିଆରେ ଭଲ ବ୍ୟବସ୍ଥା ଥିବା ଶଶ୍ମାନ ତିଆରି କରାଯିବ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଓ ଏଟିଏମ୍ ଗୋଟିଏ ସ୍ଥାନରେ ରଖାଯିବ। ଏହାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରିବ। ଏହାବ୍ୟତୀତ ପୌରପାଳିକାର ସୌନ୍ଦର୍ଯ୍ୟକରଣ ଓ ସମସ୍ୟାର ସମାଧାନ ନିମନ୍ତେ ଅଧିକ କି ପଦକ୍ଷେପ ନିଆଯିବ, ସେ ନେଇ ୱାର୍ଡର ମୁଖ୍ୟ ଲୋକମାନଙ୍କ ନିକଟରୁ ପ୍ରସ୍ତାବ ଆହ୍ୱାନ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଲୋକେ ଅଧିକ ଅଂଶଗ୍ରହଣ କରନ୍ତୁ



ଜିଲାରେ ଥିବା ଦୁଇଟି ପୌରପାଳିକା ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉନ୍ନୟନ କାର୍ଯ୍ୟ ଚାଲିଛି। ଏବେ ସହରାଞ୍ଚଳର ପ୍ରତ୍ୟକ ୱାର୍ଡରେ ମୋ ୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଲୋକେ ଅଧିକରୁ ଅଧିକ ଅଂଶଗ୍ରହଣ କଲେ ସହରର ଉନ୍ନତି ହେବ। କୌଣସି ୱାର୍ଡରେ ସମସ୍ୟା ରହିବ ନାହିଁ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ ତଥା ପୌର ପ୍ରଶାସକ, ଅନୁଗୋଳ

### ସହରବାସୀ ଗର୍ବ ଅନୁଭବ କରିବେ



ଅନୁଗୋଳ ପୌରାଞ୍ଚଳକୁ ନୂଆ ରୂପ ଦିଆଯିବ। ସୌନ୍ଦର୍ଯ୍ୟକରଣ ଏପରି ହେବ ଯେ, ଲୋକେ ଯେମିତି ଗର୍ବ ଅନୁଭବ କରିବେ। ଏଥିପାଇଁ ଅନେକ କାର୍ଯ୍ୟ ଜାରି ରହିଛି। କୋଭିଡ୍ ପାଇଁ ବିଳମ୍ବ ହୋଇଥିବା କାର୍ଯ୍ୟ ଏବେ ଆଗଉଛି। ସହରବାସୀଙ୍କ ସହଯୋଗ ରହିଲେ ଅନୁଗୋଳ ମେଟ୍ରୋ ସିଟି ଭଳି ପରିଚୟ ସୃଷ୍ଟି କରିପାରିବ।

-ଗିରିଜା ଶଙ୍କର ମଲ୍ଲିକ, ନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା

### ପୁରୁଣାର ରକ୍ଷଣାବେକ୍ଷଣ କରାଯାଉ



ପୂର୍ବରୁ ସହରରେ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଛି। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ। ଇକୋ ପାର୍କ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସହରକୁ ଅଧିକ ସୁନ୍ଦର କରାଯିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଅନ୍ୟ ନିର୍ମାଣର ଯତ୍ନ ନିଆଯିବା ସେତିକି ଦାୟିତ୍ୱର କଥା।

-ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ

### ରାସ୍ତା ଅବସ୍ଥାରେ ପରିବର୍ତ୍ତନ ହେଉ



ପୌର ପ୍ରଶାସନ ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଅନେକ ସ୍ଥାନରେ ରାସ୍ତା ଅବସ୍ଥା ଭଲ ନାହିଁ ଏପରି କି ସ୍ଥାନେ ସ୍ଥାନେ ଆବର୍ଜନା ଠୁଳ କରାଯାଇଥିବା ଦେଖାଯାଉଛି। ସେହିପରି ସହରରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ବଢ଼ୁଛି। ଏଥିପ୍ରତି ଦୃଷ୍ଟି ଦିଆଯାଉ।

-ଅଭୟ ରାୟ, ବୁଦ୍ଧିଜୀବୀ

## ଭାଜପା ନଗର ମଣ୍ଡଳ କମିଟି ଗଠିତ

ଅନୁଗୋଳ ଅଫିସ,୩୦।୮- ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅନୁମୋଦନ କ୍ରମେ ଅନୁଗୋଳ ନଗର ମଣ୍ଡଳ କମିଟି ଗଠନ କରାଯାଇଛି। ସଭାପତି ଭାବେ ପ୍ରଦୀପ କୁମାର ରାଉତ, ଉପସଭାପତି ଅଚ୍ୟୁତାନନ୍ଦ ଧର, ଅଶୋକ ପ୍ରସାଦ ସାହୁ, କଳ୍ପନା ଦଳବେହେରା, ସଞ୍ଜୀବ ପଣ୍ଡା, ଚନ୍ଦନ ପଣ୍ଡା, ସୁନୀଲ ତୁଲସିୟାନ, ସାଧାରଣ ସମ୍ପାଦକ ଭାବେ ବିପିନ ପତି ଓ ବିକ୍ରମ କେଶରୀ ମହାପାତ୍ର, ସମ୍ପାଦକ ସୁଜାତା ପୋଲାର, ରଞ୍ଜନ କୁମାର ନନ୍ଦ,ଦେବାଶିଷ ସାହୁ, ବିଶ୍ୱେଶର ଦାଶ, ସୁଶ୍ରୀ ଅଞ୍ଜଳି ଦାସ ଓ ସଙ୍ଗୀତା ଦାସ ଏବଂ କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ସେହିପରି ଯୁବ ମୋର୍ଚ୍ଚା ସଭାପତି ଭାବେ ଗୋପାଳକୃଷ୍ଣ ଦାସ, ମହିଳା ମୋର୍ଚ୍ଚା ସଭାପତି ସୁଜାତା ସାହୁ, କୃଷକ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ଜେନା, ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ ନାଏକ, ଏସ୍‌ଟି ମୋର୍ଚ୍ଚା ସଭାପତି ପଙ୍କଜ ଦେହୁରୀ, ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଗୌଡ ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ସାଫିଉଲ୍ଲାହଙ୍କୁ ଚୟନ କରାଯାଇଛି। ଏଥିସହିତ ଅନୁଗୋଳ ନଗର ମଣ୍ଡଳର କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କୁ ଗ୍ରହଣ କରାଯାଇଛି।

## ଅଶ୍ଳୀଳ ମେସେଜ ପଠାଇ ଗିରଫ

କଣିହାଁ,୩୦।୮(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୋଲିସ ଫେକ ଆଇଡିରେ ଅଶ୍ଳୀଳ ବାର୍ତ୍ତା ଓ ଫଟୋ ପୋଷ୍ଟକୁ ନେଇ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, କଣିହାଁ ଥାନା ଭୂଇଁପୁର ଗ୍ରାମର ଦିବେନ ସାହୁ ଫେକ ଆଇଡି ଖୋଲି ବିଭିନ୍ନ ଯୁବତୀଙ୍କୁ ଅଶ୍ଳୀଳ ମେସେଜ କରି ନିଜ ସାଙ୍ଗସାଥୀଙ୍କ ଫେସବୁକ ଓ ହ୍ୱାଟସଆପରେ ପୋଷ୍ଟ କରୁଥିଲେ। ଏହା ଅସହ୍ୟ ହେବାରେ ଏନଟିପିସି ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୩୦/୨୧ରେ ମାମଲା ରୁଜୁ ହୋଇଥିଲା।

## ଜିଲା ପରିଷଦ ଜୋନ୍ କାର୍ଯ୍ୟକାରିଣୀ

କଣିହାଁ,୩୦।୮(ଡି.ଏନ.ଏ.)- ତାଳଚେର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣିହାଁ ଜିଲା ପରିଷଦ ୯ ନଂ. ଜୋନକୁ ନେଇ ବିଜେଡି ତରଫରୁ ରବିବାର କଣିହାଁ ଶିବମନ୍ଦିରଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ଉପଖଣ୍ଡ ଓ ବ୍ଲକ ପର୍ଯ୍ୟବେକ୍ଷକ ଦାୟିତ୍ୱବହନ କରିଥିବା କାର୍ଯ୍ୟକର୍ତ୍ତାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜନ୍ମାଷ୍ଟମୀ ପାଳିଲା ପତଞ୍ଜଳି ଯୋଗ ସମିତି

ଅନୁଗୋଳ ଅଫିସ,୩୦।୮-ଅନୁଗୋଳ ସହର ଉପକଣ୍ଠ ଗୋପିନାଥପୁରଠାରେ ଥିବା କେଦାର ଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ସୋମବାର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ତାଲିମ କେନ୍ଦ୍ରର ଅନ୍ତେବାସୀମାନେ ଭଜନକୀର୍ତ୍ତନ ପରିବେଷଣ କରିବାସହ ସମିତିର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏଥିସହ ସେଠାରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଯୋଗ ସମିତିର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ସେହିପରି ଅନ୍ତେବାସୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଯୋଗାଚାର୍ଯ୍ୟ ଅଭୟ ରାୟ, ସୁବୋଧ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସୁରେଶ ସାହା, ଜ୍ୟୋତ୍ସ୍ନାରାଣୀ ସାହୁ, ଅକ୍ଷୟ ପଟ୍ଟନାୟକ, ଶଶିଭୂଷଣ ସ୍ୱାଇଁ, କ୍ଷୀରୋଦ ପ୍ରଧାନ, ହଳଧର ବିଶ୍ୱାଳ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ ଅଫିସ,୩୦।୮-ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳର ଜଣେ ମହିଳାଙ୍କ ସାପ କାମୁଡାରେ ରବିବାର ରାତିରେ ମୃତ୍ୟୁ ହୋଇଛି। ମହିଳା ଜଣକ ଶୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବନ୍ତଳା ଗୋଷୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## 'କର୍ମୀମାନଙ୍କ ସମସ୍ୟା ବୁଝ'

ପାଲଲହଡ଼ା,୩୦।୮(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ଯୁବ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ସମ୍ପାଦକ ତଥା ପାଲଲହଡ଼ା ବ୍ଲକ ପର୍ଯ୍ୟବେକ୍ଷକ ରାଜେଶ ଦାଶ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ବିଧାୟକ ପ୍ରତିନିଧି ନରେନ୍ଦ୍ର ଭୁକ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁବକମାନେ ଶୃଙ୍ଖଳିତ ଭାବେ ଜନସାଧାରଣଙ୍କ ସମସ୍ୟା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ସମାଧାନ କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି ବିଧାୟକ ପାଲ ପରାମର୍ଶ ଦେଇଥିଲେ। ଯୁବ ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ୨୭ଟି ପଞ୍ଚାୟତ ଯୁବ ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।

## ୟୁଥ୍ କ୍ଲବକୁ ଜିମ୍ ଉପକରଣ ପ୍ରଦାନ



ୟୁଥ୍ କ୍ଲବକୁ ଯୋଗାଇ ଦିଆଯାଇଥିବା ସାମଗ୍ରୀ।

ଅନୁଗୋଳ ଅଫିସ,୩୦।୮

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ୟୁଥ୍ କ୍ଲବ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ ଆପଣାଇବା ନିମନ୍ତେ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦିବସକୁ ଅତ୍ୟନ୍ତ ସ୍ମରଣୀୟ କରିବା ନିମନ୍ତେ ଗ୍ରାମର ସମସ୍ତ କ୍ରୀଡ଼ାପ୍ରେମୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଇନଡୋର ଜିମ୍ ଉପକରଣ ତିନୋଟି ୟୁଥ୍ କ୍ଲବ ଜରଡାସ୍ଥିତ କଳିଙ୍ଗ କ୍ଲବ, ପାରିପରାସ୍ଥିତ ବାବା ବାଲୁଙ୍କେଶ୍ୱର ୟୁଥ କ୍ଲବ ଏବଂ ସାନକେରଜାଙ୍ଗସ୍ଥିତ ମାରୁତି କ୍ଲବକୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୮ ଠାରୁ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପାର୍ଶ୍ୱବର୍ତ୍ତୀ ୨୪ଟି ଗ୍ରାମର ୩୨ଟି ୟୁଥ୍ କ୍ଲବ ସହ ମିଶି କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ୨୨୫୦ ଜଣ ଯୁବକ ଲାଭାନ୍ୱିତ ହୋଇଛନ୍ତି। ଗ୍ରାମାଞ୍ଚଳ ଯୁବକଙ୍କୁ ପ୍ରେରିତ କରିବା ନିମନ୍ତେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ଇନଡୋର ଏବଂ ଆଉଟଡୋର ଜିମ୍ ଉପକରଣ ୟୁଥ କ୍ଲବ ଗୁଡିକୁ ନିୟମିତ ଯୋଗାଇ ଦିଆଯାଉଛି।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା

ପରଜଙ୍ଗ,୩୦।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ପଞ୍ଚାୟତ ବାରଘରିଆ ସାହିରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଗତ ୨୪ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଗୁରୁତର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ୨୮ ତାରିଖରେ ମୃତ୍ୟୁ ହୋଇଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେବା ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଏକ ଖତ ଗାଡ଼ିଆକୁ କେନ୍ଦ୍ରକରି ବାରଘରିଆ ସାହିର ଧୋବେଇ ପଧାନ ଓ ମୁଣ୍ଡପୋତା ପଧାନଙ୍କ ପରିବାର ମଧ୍ୟରେ ପୂର୍ବରୁ ଝଗଡା ଲାଗି ରହିଥିଲା। ୨୪ ତାରିଖ ସନ୍ଧ୍ୟାରେ ଧୋବେଇଙ୍କ ଘର ସମ୍ମୁଖକୁ ଆସି ମୁଣ୍ଡପୋତାଙ୍କ ପରିବାର ଲୋକେ ଗାଳିଗୁଲଜ କରିଥିଲେ। ଧୋବେଇ ଏହାର ପ୍ରତିବାଦ କରିବାରୁ ମୁଣ୍ଡପୋତାଙ୍କ ଦୁଇ ପୁଅ ଅଭିମନ୍ୟୁ ଓ ମନୋଜ ଦୁଇଟି ବୋମା ପକାଇବା ସହ ଆକ୍ରମଣ କରିଥିଲେ। ସ୍ତ୍ରୀ ଉମା ପଧାନ ଧୋବେଇଙ୍କୁ ଉଦ୍ଧାର କରିବା ପାଇଁ ଦୌଡ଼ି ଆସିବାରୁ ଅଭିମନ୍ୟୁ ଏକ କଟୁରିରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ଉମାଙ୍କୁ ପ୍ରଥମେ ପରଜଙ୍ଗ ଓ ପରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। ଚିକିତ୍ସା ପରେ ଘରକୁ ଫେରିଥିବା ଉମାଙ୍କ ସ୍ୱାସ୍ଥ୍ୟାବସ୍ଥା ୨୮ ତାରିଖରେ ବିଗିଡ଼ି ଯାଇଥିଲା। ତାଙ୍କୁ ତାଳଚେରସ୍ଥିତ ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଉମାଙ୍କ ପରିବାର ଲୋକେ ଏତଲା ଦେବା ପରେ ପୋଲିସ ମୁଣ୍ଡପୋତା, ସ୍ତ୍ରୀ ପ୍ରେମଲତା, ଦୁଇ ପୁଅ ଅଭିମନ୍ୟୁ ଓ ମନୋଜ, ଝିଅ ରଙ୍ଗବତୀ ଏବଂ ଜ୍ୱାଇଁ ବାଉରୀ ନାଏକଙ୍କ ନାମରେ ମାମଲା ରୁଜୁ କରିଛି। ସେହିପରି ମୁଣ୍ଡପୋତାଙ୍କ ଅଭିଯୋଗ ଆଧାରରେ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବ୍ରଜ କିଶୋର ମଲ୍ଲିକ କହିଛନ୍ତି, ଉଭୟ ପକ୍ଷରୁ ୧୭ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟରେ ଜନ୍ମାଷ୍ଟମୀ

ଛେଣ୍ଡିପଦା,୩୦।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଶ୍ରୀକୃଷ୍ଣ ଓ ରାଧାଙ୍କ ବେଶ ଧାରଣ କରି ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଆରତୀ ମହାପାତ୍ର ପାୱାର ପଏଣ୍ଟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଏହି ଦିନର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆରତୀ ମହାପାତ୍ର ପରିଚାଳନା କରିଥିଲେ। ସ୍ମିତାରାଣୀ ଖିଲାରି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ତଥା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା

ବଣଁରପାଳ,୩୦।୮(ଡି.ଏନ.ଏ.)


ନେସ୍‌ର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଏମ୍ପ୍ଲୟୀ ସଂଘ ନେସ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ନିର୍ମଳ ସାମଲ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ଓ ଦାବି ଉପରେ ଆଲୋଚନା ହୋଇଥିଲା। ସେହିପରି ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ଦେବବ୍ରତ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ଦିଲୀପ କୁମାର ମିଶ୍ର ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ବିଜନ କୁମାର ଦଳବେହେରା, ମଳୟ କୁମାର ସ୍ୱାଇଁ, ଯତୀନ ମିଶ୍ର, ବସନ୍ତ ନାୟକ, ଉପସଭାପତି ଭାବେ ମନୋଜ ସ୍ୱାଇଁ, ନିରଞ୍ଜନ ମହାଲିକ, ସୁରେଶ ସାହୁ, ଅଶ୍ୱିନ ସାମଲ, ରଞ୍ଜିତ କୁମାର ସାହୁ ପ୍ରମୁଖ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟାଳୟ ସମ୍ପାଦକ ଭାବେ ସୁଧାଂଶୁ ମିଶ୍ର ଓ ନୀରୋଦ କୁମାର, କୋଷାଧ୍ୟକ୍ଷ ଭାବେ ପ୍ରଦୀପ୍ତ ନାୟକଙ୍କୁ ଚୟନ କରାଯାଇଥିଲା। ରଞ୍ଜିତ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ନାଲ୍‌କୋ ସିପିପିର ଏନ୍‌ଏନ୍‌ଇୟୁ କର୍ମକର୍ତ୍ତାମାନଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରତ୍ନାକର ପରିଡାଙ୍କ ନେତୃତ୍ୱରେ ସଭାପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ପରମାନନ୍ଦ ମିଶ୍ର, କାଳିଚରଣ କର ଉପସ୍ଥିତ ରହି କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନାଲ୍‌କୋ ତରଫରୁ କୋଭିଡ ଯୋଦ୍ଧା ଭାବେ ପ୍ରକାଶ ଚନ୍ଦ୍ର ସାହୁ ଓ ଘନଶ୍ୟାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ନିର୍ମଳ ଶତପଥୀ, ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ।


**ପାର୍ବଣର ଆଭାସ:** ଅନୁଗୋଳ ସହରରେ ଜଣେ ଖେଳଣା ବିକାଳି ଖେଳଣା ବିକ୍ରି କରୁଛନ୍ତି।

# ଜିଲାକୁ ମରୁଡ଼ି ଘୋଷଣା ଦାବି

ଅନୁଗୋଳ ଅଫିସ, ୩୦।୮

### ଚାଷ ସ୍ଥିତି ଦେଖିଲେ ଭାଜପା କୃଷକମୋର୍ଚ୍ଚା ପ୍ରତିନିଧିମଣ୍ଡଳୀ

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ କୃଷକ ମୋର୍ଚ୍ଚାର ଏକ ପ୍ରତିନିଧିମଣ୍ଡଳୀ ସୋମବାର ଅନୁଗୋଳ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ଚାଷ ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି। ବହୁ ଜମିକୁ ଜଳସେଚନ ସୁବିଧା ନ ଥିବା ବେଳେ ସ୍ୱଳ୍ପ ବୃଷ୍ଟି କାରଣରୁ ଧାନ ଗଛ ମରିଯିବାକୁ ବସିଛି। ତେଣୁ ସମ୍ପୂର୍ଣ୍ଣ ଜିଲାକୁ ମରୁଡି ଘୋଷଣା କରିବା ପାଇଁ ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।

ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ନେତା ରଞ୍ଜନ ପଟେଲ, ରୁଦ୍ର ନାରାୟଣ ପାଣି, ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ଜିଲା ମୋର୍ଚ୍ଚା ସଭାପତି ବିଜୟ ମାଝି ପ୍ରମୁଖ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନେ ବାମୁର, ଖଣ୍ଡହତା, ଘୋଷରା, ଝରାବେରିଣୀ, ଆମ୍ବପାଳ, ନାକଚି, ଜରପଡା, ଛେଣ୍ଡିପଦା, କରଡାବାହାଳ, ନାଉପଡା, ଦୁର୍ଗାପୁର, ବଡକେରା, ଶାସନ ବଜାର, ତାଳଚେର ଓ ପାଲଲହଡ଼ା ବ୍ଲକ ଅଞ୍ଚଳରେ ଚାଷ ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବିଧାନସଭା ଅଧିବେଶନରେ ଜିଲାର ମରୁଡ଼ି ସ୍ଥିତି ଉପସ୍ଥାପନ କରାଯିବ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସମ୍ପାଦକ ଚିତ୍ତରଞ୍ଜନ ମେହେର, ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ପ୍ରବୀଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଏକ ବିଲରେ ପକାଯାଇଥିବା ତଳି ପାଣି ଅଭାବରୁ ମରିଯାଇଥିବା ଭାଜପା ପ୍ରତିନିଧିମଣ୍ଡଳୀ ଦେଖୁଛନ୍ତି।

